# Akashvani, Sambalpur

# SAMBALPURI NEWS BULLETIN

## 23 January 2025- 6.47- 6.52 am.

*********************************************

ନେତାଜୀ  ଜୟନ୍ତୀ                                    ଆର୍‌ଏନ୍‌ୟୁ ସମ୍ବଲପୁର୍

ମହାନ୍ ସ୍ୱାଧୀନତା ସଂଗ୍ରାମୀ ଆର୍ ଆଜାଦ୍ ହିନ୍ଦ୍ ଫୌଜ୍‌ର ପ୍ରତିଷ୍ଠାତା ନେତାଜୀ ସୁଭାଷ୍ ଚନ୍ଦ୍ର ବୋଷ୍‌ଙ୍କର୍ ଆଏଜ୍ ଶହେ ୨୮ ନମ୍ବର୍ ଜନମ୍ ଦିନ୍ । ୧୮୯୭ମସିହା ଆଝିର୍ ଦିନେ ନେଜାତୀ କଟକ୍ ନ ଜନମ୍ ହେଇଥିଲେ । ତାଙ୍କର ଜନମ୍ ଦିନ୍‌କେ ସାରା ଦେଶେ ପରାକ୍ରମ ଦିବସ୍ ଭାବେ ପାଳନ୍ କରାଯାଉଛେ ।

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କଟକ୍ ବାରବାଟୀ ଦୁର୍ଗ ଠାନେ ଆଏଜ୍ ପରାକ୍ରମ୍ ଦିବସ୍ ଅବ୍‌ସରେ ଗୁଟେ ଖାସ୍ କାର୍ଯ୍ୟକ୍ରମ୍ ଉଦ୍‌ଘାଟନ୍ କର୍‌ବାର୍ କାର୍ଯ୍ୟସୂଚୀ ରହିଛେ ।

ବୀର ସୁରେନ୍ଦ୍ର ସାଏ- ଜୟନ୍ତୀ                        ଆର୍‌ଏନ୍‌ୟୁ ସମ୍ବଲପୁର୍

ସ୍ୱାଧୀନତା ସଂଗ୍ରାମ୍ର ମହାନ୍ ଯୋଦ୍ଧା ବୀର ସୁରେନ୍ଦ୍ର ସାଏଙ୍କର୍ ଆଏଜ୍ ୨ ଶହ ୧୬ ନମ୍ବର୍ ଜୟନ୍ତୀ । ୧୮୦୯ ମସିହା ଆଝିର୍ ଦିନେ ସମ୍ବଲ୍ପୁର୍ ଜିଲ୍ଲାର ଖିଣ୍ଡା ଗାଁ ନ ଇ ମହାନ୍ ଜନନାୟକଙ୍କର୍ ଜନମ୍ ହେଇଥିଲା । ୧୮୫୭ ମସିହା ସିପାହୀ ବିଦ୍ରୋହର୍ ଆଘୋନୁ ବ୍ରିଟିଶ୍ ସର୍କାର୍ଙ୍କର୍ ବିରୋଧିଥି ଅସ୍ତ୍ରଶସ୍ତ୍ର ଧରି କରି ସେ ଲଢ଼େଇ କରିଥିଲେ ।

ଇ ଅବ୍ସରେ ଆଏଜ୍ ତାଙ୍କର ଜନମ୍ସ୍ଥାନ ଖିଣ୍ଡା ଗାଁ ନ ଗୁଟେ ଖାସ୍ କାର୍ଯ୍ୟକ୍ରମ୍ଥି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ଯୋଗ୍ ଦେବେ । ସେନ୍ତା ସମ୍ବଲ୍ପୁର୍ର ଜେଲ୍ଛକ୍ ଠାନେ ଥିବା ତାଙ୍କର୍ ପ୍ରତିମୂର୍ତିଥି ପ୍ରଶାସନ୍ ଆର୍ ଭିନ୍ ଭିନ୍ ଅନୁଷ୍ଠାନ୍ ତର୍ଫୁ ଫୁଲ୍ମାଲ୍ ଦିଆଯିବାର୍ ସହେତେ ରାଜ୍ୟର୍ ଭିନ୍ ଭିନ୍ ଜାଗା ନ କାର୍ଯ୍ୟକ୍ରମ୍ ମାନ୍ ଆୟୋଜନ୍ କରାଯାଉଛେ ।

ରାଜ୍ୟସ୍ତରୀୟ ଜୟନ୍ତୀ I&PR

ନେତାଜୀ ସୁଭାଷ ଚନ୍ଦ୍ର ବୋଷ୍ ଆର୍ ମହାନ୍ ବିପ୍ଳବୀ ବୀର ସୁରେନ୍ଦ୍ର ସାଏଙ୍କର୍ ରାଜ୍ୟସ୍ତରୀୟ ଜୟନ୍ତୀ ଆଏଜ୍ ଭୁବ୍ନେଶ୍ୱର୍ ଠାନେ ପାଳିତ୍ ହେବା । କାର୍ଯ୍ୟକ୍ରମ୍ଥି ମୁଖ୍ୟଅତିଥି ଭାବେ ରାଜସ୍ୱ

ଆର୍ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଯୋଗ୍ ଦେବେ । ଝାର୍ସୁଗୁଡ଼ା ଆର୍ ସମ୍ବଲ୍‌ପୁର୍ ଜିଲ୍ଲାର୍ ବିଧାୟକ୍‌ମାନେ ଭିଲ୍ କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେବାର୍ କାର୍ଯ୍ୟସୂଚୀ ରହିଛେ ।

୬ ଷ୍ଠ ରାଜ୍ୟ ଅର୍ଥ କମିଶନ୍ ଗଠିତ          ଆଇଆଣ୍ଡପିଆର୍

ରାଜ୍ୟପାଲ ଡକ୍ଟର ହରିବାବୁ କମ୍ଭମ୍‌ପାଟି ୬ ନମ୍ବର୍ ରାଜ୍ୟ ଅର୍ଥ ଆୟୋଗ୍ ଗଠନ୍ କରିଛନ୍ । ଆଘର୍ ପ୍ରଶାସନିକ ଅଧିକାରୀ ଅରୁଣ କୁମାର୍ ପଣ୍ଡାଙ୍କର୍ ଅଧ୍ୟକ୍ଷତାଥି ଗଠିତ୍ ଆୟୋଗ୍‌ଥି ୪ ଝନ୍ ସଦସ୍ୟ ସାମିଲ୍ ଅଛନ୍ ।  ସେଆଡ଼େ ଆଏବା ୪ ନୁ ୭ ତାରିଖ୍‌ତକ୍ ଷୋଡ଼ଶ ଅର୍ଥ କମିଶନ ରାଜ୍ୟକେ ଗସ୍ତ କର୍‌ବେ । ଇ ଅବ୍‌ସରେ କମିଶନ୍‌କେ ରାଜ୍ୟର୍ ଭିନ୍ ଭିନ୍ ପ୍ରସ୍ତାବ୍ ସମ୍ବଲିତ୍ ସ୍ମାରକ୍‌ପତ୍ର ଦିଆଯିବା । ଇ ସ୍ମାରକ୍‌ପତ୍ରକେ ରାଜ୍ୟ କେବିନେଟ୍ ଅନୁମୋଦନ୍ କରିଛେ ।

ସିଙ୍ଗିଲ୍ ଓ୍ୱିଣ୍ଡୋ- ମଞ୍ଜୁରୀ          ଆର୍‌ଏନ୍‌ୟୁ / ସମ୍ବଲପୁର

ଓଡ଼ିଶା ଶିଳ୍ପ ଇକୋ ସିଷ୍ଟମ୍‌କେ ମଜ୍‌ବୁତ୍ କର୍‌ବାର୍ ଦିଗେ ରାଜ୍ୟ ସର୍‌କାର୍ ୧୭ ଟା ମୁଖିଆ ପ୍ରସ୍ତାବ୍ ଉପ୍‌ରେ ମୋହର୍ ମାରିଛନ୍ ।

ମୁଖ୍ୟ ଶାସନ୍ ସଚିବ ମନୋଜ୍ ଆହୁଜାଙ୍କର୍ ଅଧ୍ୟକ୍ଷତାଥି ବସିଥିବା ଶହେ ୩୪ ନମ୍ବର୍ ରାଜ୍ୟସ୍ତରୀୟ ସିଙ୍ଗିଲ୍ ୱିଣ୍ଡୋ ମଞ୍ଜୁରୀ କର୍ତୃପକ୍ଷଙ୍କର୍ ବୈଠକ୍ଥି ପ୍ରକଳ୍ପମାନ୍କୁ ମଞ୍ଜୁରୀ ମିଳିଛେ । ପ୍ରକଳ୍ପ ମାନ୍କର୍ ଜରିଏ ରାଜ୍ୟକେ ପାଖାପାଖି ୪ ହଜାର୍ କୋଟି ଟଙ୍କାର୍ ନିବେଶ୍ ଆଏବା ଆର୍ ୧୨ ହଜାର୍ନୁ ଅଏତ୍କା ଲୁକ୍କୁ ରୋଜ୍ଗାର୍ ମିଲ୍ବା ବଲି ସେ ସୂଚ୍ନା ଦେଇଛନ୍ । ସମ୍ବଲ୍ପୁର୍, ଝାର୍ସୁଗୁଡ଼ା, ରାୟଗଡ଼ା, ଗଞ୍ଜାମ୍, ଯାଜ୍ପୁର୍, ଅନୁଗୁଲ୍, ଖୋର୍ଦ୍ଧା ଆର୍ ଢେଙ୍କାନାଲ୍ ବାଗିର୍ ଜିଲ୍ଲାମାନ୍କେ ଇ ପ୍ରକଳ୍ପମାନ୍ ଶିଳ୍ପ ପରିସର୍କେ ମଜ୍ବୁତ୍ କର୍ବାର୍ ।

ଜଙ୍ଗଲ ବିଭାଗ୍- ଚୁକ୍ତିନାମା          ଆଇଆଣ୍ଡପିଆର୍

ଜଙ୍ଗଲ୍ ଆଉ ପରିବେଶ୍ର ସୁରକ୍ଷା ଲାଗି ରାଜ୍ୟ ଜଙ୍ଗଲ୍ ପରିବେଶ୍ ବିଭାଗ୍ ଆର୍ ଭୁବ୍ନେଶ୍ୱର୍ ଆଇଆଇଟି ଭିତ୍ରେ ୩ ଟା ବୁଝାମଣାପତ୍ର ସ୍ୱାକ୍ଷରିତ୍ ହେଇଛେ । ବିଭାଗୀୟ ମନ୍ତ୍ରୀ ଗଣେଶ୍ ରାମ୍ ସିଂ ଖୁଂଟିଆଙ୍କର୍ ଅଧ୍ୟକ୍ଷତାଥି ଜୈବ ବିବିଧତା ବଜାୟ ରଖିବାର୍ ଲାଗି ସମୁଦ୍ର ଭିତ୍ରେ ଘାସର୍ ଶଯ୍ୟାର ପୁନରୁଦ୍ଧାର୍, ଚାଷୀମାନ୍କର୍ ଆର୍ଥିକ୍ ଥିତି ବର୍କସ୍ କର୍ବାର୍କେ ଜଳବାୟୁ ସ୍ଥିରତା ଆଉ ନେଟ୍-ଜିରୋ ରୋଡ଼୍ମେପ୍ ବିକାଶ୍ ଲାଗି

ଓଡ଼ିଶା ନ କାର୍ବନ୍‌ର ମାତ୍ରା କମାବାର୍ ଦିଗେ ତିନ୍‌ହି ଚୁକ୍ତିନାମା ସ୍ୱାକ୍ଷରିତ୍ ହେଇଛେ ।

ଯକ୍ଷ୍ମା ନିରାକରଣ୍ ଅଭିଯାନ ଆର୍‌ଏନ୍‌ୟୁ / ସମ୍ବଲପୁର

ଗଲା ଡିସେମ୍ବର୍ ମାସ୍ରୁ ରାଜ୍ୟର୍ ୨୦ଟା ଯକ୍ଷ୍ମା ପ୍ରବଣ ଜିଲ୍ଲା ନ ଶହେ ଦିନିଆ ଯକ୍ଷ୍ମା ନିରାକରଣ୍ ଅଭିଯାନ୍ ମୁଲ୍ ହେଇଛେ । ଇ ଅଭିଯାନ୍‌କେ ଆହୁରି ତୁର୍‌ତି କର୍‌ବାର୍‌କେ ଯକ୍ଷ୍ମା ମୁକ୍ତ ଓଡ଼ିଶା ଗଠନ୍ ଅଭିଯାନ୍‌ର ସମୀକ୍ଷା ବୈଠକ୍‌ଥି ଅଧ୍ୟକ୍ଷତା କରିକରି ସ୍ୱାସ୍ଥ୍ୟ ବିଭାଗ୍ କମିଶନର୍ ଅଶ୍ୱତୀ ଏସ୍. ଜିଲ୍ଲାପାଳ୍‌ମାନ୍‌କୁ ନିର୍ଦ୍ଦେଶ୍ ଦେଇଛନ୍ । ଅଭିଯାନ୍‌ଥି ଏବ୍‌ତକ୍ ୪ ହଜାର୍ ୬ ଶହ ୬୮ ଝନ୍ ଯକ୍ଷ୍ମା ରୋଗୀଙ୍କୁ ଚିହ୍ନଟ୍ କରାଯାଇକରି ସେମାନ୍‌କୁ ଚିକିତ୍ସା ଆର୍ ଭିନ୍ ଭିନ୍ ସୁବିଧା ଦିଆଯାଉଛେ ବଲି କମିଶନର୍ ସୂଚ୍‌ନା ଦେଇଛନ୍ ।

ପର୍ଯ୍ୟଟନ୍‌ର ବିକାଶ୍ କର୍ମଶାଳା-ଧର୍ମେନ୍ଦ୍ର ପ୍ରଧାନ୍

ଆର୍‌ଏନ୍‌ୟୁ ସମ୍ବଲପୁର

ସମ୍ବଲପୁରର୍ ଭିନ୍ ଭିନ୍ ଜାଗା ସହେତେ ମହାନଦୀ ଆର୍ ଡେବ୍ରିଗଡ଼ଠାନେ ପର୍ଯ୍ୟଟନର୍ ବିକାଶ, ପରିବେଶ ଆର୍ ବନ୍ୟପ୍ରାଣୀଙ୍କର୍ ସୁରକ୍ଷା ଲାଗି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କର୍ ନେତୃତ୍ୱଥି ସମ୍ବଲପୁରଠାନେ ଗୁଟେ କର୍ମଶାଲା ହେଇଯାଇଛେ । କର୍ମଶାଲାଥି ଇ ବାବ୍‌ଦେ ଗୁଟେ ମାଷ୍ଟର୍ ପ୍ଲାନ୍ ତୟାର୍ କରାଯାଇଛେ । ସମ୍ବଲପୁରଠାନେ ଷ୍ଟାଚ୍ୟୁ ଅଫ୍ ୟୁନିଟି ଢାଂଚାଥି ବୀର ସୁରେନ୍ଦ୍ର ସାଏଙ୍କର ପ୍ରତିମୂର୍ତ୍ତି ତିଆର୍ କର୍‌ବାର୍‌କେ କର୍ମଶାଲାଥି ନିଷ୍ପତି ହେଇଛେ । ଯୋଜ୍‌ନାଥି ପହେଲା ଖେପେ ୫ ହଜାର କୋଟି ଟଙ୍କା ଖର୍ଚ୍ଚା ହେବା ବଲି କୁହାଯାଇଛେ ।

ଆଂଚଲିକ୍ ସମ୍ବାଦ୍ ବିଭାଗ୍ ଆର୍‌ଏନ୍‌ୟୁ ସମ୍ବଲ୍‌ପୁର୍

ଆକାଶ୍‌ବାଣୀ ସମ୍ବଲପୁର୍ କେନ୍ଦ୍ରର୍ ଆଂଚଲିକ୍ ସମ୍ବାଦ୍ ବିଭାଗ୍ ଆଏଜ୍ ତାର୍ ୧୦ ନମ୍ବର୍ ବଛର୍‌ଥି ପାହା ଥାପିଛେ । ୨୦୧୬ ମସିହାଥି ଆଜିର୍ ଦିନେ ବୀର୍ ସୁରେନ୍ଦ୍ର ସାଏ ଆର୍ ନେତାଜୀ ସୁଭାଷ ଚନ୍ଦ୍ର ବୋଷ୍‌ଙ୍କର୍ ଜନମ୍ ଦିନ୍‌ଥି ସମ୍ବଲ୍‌ପୁର୍ କେନ୍ଦ୍ରନ ଆଂଚଲିକ୍ ଖବର୍ ବିଭାଗ୍ ଥାପ୍‌ନା ହେବାର୍ ସହେତେ ସମ୍ବଲ୍‌ପୁରୀ ଭାଷାଥି ଖବର୍ ପ୍ରସାରଣ୍ ମୁଲ୍ କରିଥିଲା ।

ସମ୍ବଲପୁରୀ ଆଂଚଲିକ୍ ସମ୍ବାଦ୍ ପଶ୍ଚିମ୍ ଓଡ଼ିଶାର୍ ସବୁ ଇଲାକାର୍ ଖବର୍‌କେ ଘରେ ଘରେ ପୁହୁଁଚେଇ ପାରୁଛେ ।

ହକି ଇଣ୍ଡିଆ ଲିଗ୍ ଆର୍‌ଏନ୍‌ୟୁ / ସମ୍ବଲପୁର

ହକି ଇଣ୍ଡିଆ ଲିଗ୍‌ର ମହିଳା ବର୍ଗଥି ଆଏଜ୍ ସଞ୍ଝର୍ ୬ ବଜେ ରାଂଚି ଠାନେ ଓଡ଼ିଶା ୱାରିୟର୍ସ ଆର୍ ଦିଲ୍ଲୀ ଏସ୍.ଜି. ପାଇପର୍ସ ଭିତ୍‌ରେ ମେଚ୍ ହେବା ।

ସେଆଡ଼େ ପୁରୁଷ ବର୍ଗଥି ଆଏଜ୍ ରାତି ୮ ବାଜିକରି ୧୫ ମିନିଟ୍‌ଥି ରାଉର୍‌କେଲା ବିର୍ସାମୁଣ୍ଡା ହକି ଷ୍ଟାଡ଼ିୟମ୍ ଠାନେ ତାମିଲ୍‌ନାଡୁ ଡ୍ରାଗନ୍ସ ଆର୍ ହାଇଦ୍ରାବାଦ୍ ତୋଫାନ୍ ଭିତ୍‌ରେ ମେଚ୍ ହେବା ।

ଗଲାକାଏଲ୍ ହେଇଥିବା ମହିଳା ବର୍ଗ ମେଚ୍‌ଥି ସ୍ରାଚୀ ରାହା ବେଙ୍ଗଲ୍ ଟାଇଗର୍ସ - ଦିଲ୍ଲୀ ଏସ୍.ଜି. ପାଇପର୍ସକେ ହରେଇଛେ ଆଉ ପୁରୁଷ ବର୍ଗଥି ସୁର୍‌ମା ହକି କ୍ଲବ୍ - ଦିଲ୍ଲୀ ଏସ୍.ଜି. ପାଇପର୍ସକେ ୨-୧ ଗୋଲ୍‌ଥି ହରେଇଛେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ପଶ୍ଚିମାଝଡ଼ ପ୍ରଭାବ୍ଥି ଶୀତ୍ କମିଛେ । ଗଲାକାଏଲ୍ ଦିନ୍ର ତାପମାତ୍ରା ସ୍ୱାଭାବିକ୍ ନୁ ୫ ଡିଗ୍ରୀନୁ ଉପର୍କେ ବଢ଼ିକରି କୋରାପୁଟ୍ ନ ୩୩ ଦଶ୍ମିକ୍ ୨ ଡିଗ୍ରୀ ସେଲ୍ସିଅସ୍କେ ପୁହୁଁଚିଥିଲା ।   ସେଆଡ଼େ ରାଜ୍ୟର୍ ସବୁନୁ ଜହ ତାତି ପାରଳାଖେମୁଣ୍ଡି ଠାନେ ୩୪ ଡିଗ୍ରୀ ରହିଥିଲା । ପଶ୍ଚିମ ଓଡ଼ିଶାର୍ ସବୁ ଜିଲ୍ଲା ନ ତାପମାତ୍ରା ୩୧ ଡିଗ୍ରୀ ଉପ୍ରେ ରହିଥିଲା ବଲି ଭୁବ୍ନେଶ୍ୱର୍ ଆଂଚଲିକ୍ ପାଣିପାଗ ବିଜ୍ଞାନ୍ କେନ୍ଦ୍ର ତର୍ଫୁ ସୂଚ୍ନା ଦିଆଯାଉଛେ ।